ଦେବୀ ଲାଲ ଏବଂ ଅନ୍ୟଜଣେ

ବନାମ

ମୋହନ ପ୍ରସାଦ ଏବଂ ଅନ୍ୟଜଣେ

9, ମେ 1996

[କେ. ରାମାସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟଧୀଶବୃନ୍ଦ]

*ଅଦାଲତ ଅବମାନନା ମାମଲା:*

*ଅଦାଲତ ଅବମାନନା ମାମଲାରେ ପ୍ରଦାନ କରାଯାଇଥିବା ଦଣ୍ଡାଦେଶ-ମାମଲାର ଫଳାଫଳ ଏବଂ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ଆବେଦନକାରୀଙ୍କୁ ସେମାନଙ୍କ ଓକିଲଙ୍କ ଦ୍ୱାରା ସୂଚିତ କରାଯାଇନଥିବା ଆଧାରରେ ଆଦେଶକୁ ପ୍ରତ୍ୟାହାର କରିନେବା ପାଇଁ ଆବେଦନ-ଏହା ଏକ ପ୍ରଚଳିତ ପ୍ରଥା ହେବ, ଯଦି ଏହାର ବିପରୀତ ପ୍ରମାଣିତ ନହୁଏ, ଯେ ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଅଧିବକ୍ତା ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ଫଳାଫଳକୁ ବିଧିବଦ୍ଧ ଭାବରେ ଅବେଦନକାରୀଙ୍କୁ ସୂଚିତ କରିବେ-ଏହା ବ୍ୟତୀତ, ଆବେଦନକାରୀମାନେ ଦସ୍ତି ବିଜ୍ଞପ୍ତି ଗ୍ରହଣ କରିବାକୁ ମନା କରିଥିବାର କୁହାଯାଏ-ଆବେଦନକୁ ଖାରଜ କରାଗଲା ।*

ପ୍ରଚଳିତ ଅଭ୍ୟାସ ଏବଂ କାର୍ଯ୍ୟଧାରା:

ନ୍ୟାୟାଳୟଙ୍କ ଦ୍ୱାରା ନିଷ୍ପାଦିତ ମାମଲାଗୁଡ଼ିକର ଫଳାଫଳ ସୂଚିତ କରିବା-ଏହା ଏକ ସାଧାରଣ ଅଭ୍ୟାସ ହେବ, ଯଦି ଏହାର ବିପରୀତ ପ୍ରମାଣିତ ନହୁଏ, ଯେ ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଅଧିବକ୍ତା ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ଫଳାଫଳକୁ ସୂଚିତ କରିବେ ।

ଦେୱାନୀ ଆବେଦନ ଅଧିକାରିତା :ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 1-3/1996 ।

ରେ

ଅଦାଲତ ଅବମାନନା ଆବେଦନ ସଂଖ୍ୟା 148/1995 ।

ରେ

ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 12300/1991 ।

ସି. ଆର୍. ପି. ସଂଖ୍ୟା 1708/1986 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର22.3.91 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏନ୍. ଏସ୍. ବିସ୍ତ ।

ଉତ୍ତରଦାତାମାନଙ୍କ ପାଇଁ କେ. ଡି. ପ୍ରସାଦ ଏବଂ ଏ. ଏନ୍. ବର୍ଦ୍ଦିଆର୍ ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଆବେଦନକାରୀମାନେ ଏହି ଆବେଦନରେ, ଅନ୍ୟାନ୍ୟ ବିଷୟ ସହିତ, 8.1.1996 ତାରିଖର ଆମର ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ପ୍ରାର୍ଥନା କରଛନ୍ତି । ସେମାନେ କହିଛନ୍ତି ଯେ ସେମାନଙ୍କ ତରଫରୁ ହାଜର ହୋଇଥିବା ଅଧିବକ୍ତା କୌଣସି ଫଳାଫଳ ଏବଂ ଅଙ୍ଗୀକାର ପତ୍ର ସେମାନଙ୍କୁ ପରିସର ଖାଲି କରିବା ପାଇଁ ଦିଆଯାଇଥିବା ବିଷୟରେ ସୂଚନା ଦେଇନଥିଲେ । ଅଦାଲତ ଅବମାନନା ପ୍ରକ୍ରିୟାରେ ସେମାନଙ୍କୁ ଦସ୍ତି ସେବା ପ୍ରଦାନ କରାଯାଇ ନଥିଲା ତେଣୁ, ସେମାନେ ଏହି ନ୍ୟାୟାଳୟରେ ଘଟିଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଅବଗତ ନଥିଲେ, ଫଳସ୍ୱରୂପ ସେମାନଙ୍କୁ ଭୁଲ ଭାବରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଉଚ୍ଛେଦ ଆଦେଶ ବିରୋଧରେ ସେମାନଙ୍କର ବିଶେଷ ଅନୁମତି ଆବେଦନ ଖାରଜ ହୋଇଯାଇଥିଲା । ସମୟ ସମାପ୍ତ ହେବା ପରେ ଅନୁରୋଧ କ୍ରମେ, ଉଚ୍ଛେଦ ଦଖଲ ପ୍ରଦାନ କରିବାକୁ ସମୟ ଦିଆଯାଇଥିଲା ଏବଂ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା । ଏଭଳି ଯୁକ୍ତିକୁ ସ୍ୱୀକାର କରିବା ସମ୍ଭବ ନୁହେଁ । ଏହା ବିବାଦୀୟ ନୁହେଁ ଯେ ସେମାନଙ୍କ ତରଫରୁ ହାଜର ହୋଇଥିବା ଓକିଲ ଶ୍ରୀମତୀ ଜ୍ଞାନ ସୁଧା ମିଶ୍ର ଏସଏଲପି ଦାଖଲ କରିଥିଲେ । ଏହା ସେମାନଙ୍କର ମାମଲା ନୁହେଁ ଯେ ସେମାନେ ଏହି ନ୍ୟାୟାଳୟଙ୍କର ମାମଲାର ଫଳାଫଳର ବିଷୟରେ ତଦନ୍ତ କରିଥିଲେ । ଏହା ଏକ ପ୍ରଚଳିତ ପ୍ରଥା ହେବ, ଯଦି ଏହାର ବିପରୀତ ପ୍ରମାଣିତ ନହୁଏ, ଯେ ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଓକିଲ ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ଫଳାଫଳକୁ ବିଧିବଦ୍ଧ ଭାବରେ ଅବେଦନକାରୀଙ୍କୁ ସୂଚିତ କରିବେ । ଏହି ପରିସ୍ଥିତିରେ, ଆବେଦନକାରୀଙ୍କ ଓକିଲ ଏହି ଆଦେଶ ସୂଚିତ କରିଥିଲେ କି ନାହିଁ ତାହା ଏହି ନ୍ୟାୟାଳୟ ଅନୁସନ୍ଧାନ କରିପାରିବେ ନାହିଁ । ଏହା ସେମାନଙ୍କର ମାମଲା ନୁହେଁ ଯେ ନିର୍ଦ୍ଧାରିତ ସମୟସୀମା ଶେଷ ହେବା ପରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଏସଏଲପି ଖାରଜ ହେବା ପରେ ସେମାନେ ପରିସର ଖାଲି କରିଛନ୍ତି । ଅଦାଲତ ଅବମାନନା

ଆବେଦନରେ, ଡାକ ସେବା ଦ୍ୱାରା ବିଜ୍ଞପ୍ତି ପ୍ରଦାନ କାର୍ଯ୍ୟ ସମ୍ପାଦିତ ହୋଇନାହିଁ । ଫଳସ୍ୱରୂପ ଆମେ ଦସ୍ତୀ ଦ୍ୱାରା ସେବା ନିର୍ଦ୍ଦେଶ ଦେଇଛୁ ଯାହା ଦ୍ୱାରା ଉତ୍ତରଦାତାମାନଙ୍କ ଦ୍ୱାରା ଆବେଦନକାରୀମାନଙ୍କୁ ବ୍ୟକ୍ତିଗତ ବିଜ୍ଞପ୍ତି ଦିଆଯାଇପାରିବ । ଏସ୍. ଏଲ୍. ପି. ରେ ଉତ୍ତରଦାତା ଥିବା ଏବଂ ଅଦାଲତ ଅବମାନନା ଆବେଦନରେ ଆବେଦନକାରୀ ଥିବ ଦ୍ୱାରକା ପ୍ରସାଦଙ୍କ ପୁଅ ମୋହନ ପ୍ରସାଦଙ୍କ ଦ୍ୱାରା ଏକ ସତ୍ୟପାଠ ଦାଖଲ କରାଯାଇଛି, ଯେଉଁଥିରେ ସେ କହିଛନ୍ତି ଯେ ସେ ବ୍ୟକ୍ତିଗତ ଭାବରେ ଉତ୍ତରଦାତାମାନଙ୍କ ନିକଟକୁ ସେବା ନେଇଥିଲେ ଏବଂ ସେମାନଙ୍କୁ ଉକ୍ତ ଦସ୍ତିକୁ ପ୍ରଦାନ କରିବାକୁ ଚାହୁଁଥିଲେ । ସେମାନେ ବିଜ୍ଞପ୍ତି ଗ୍ରହଣ କରିବାକୁ ମନା କରିଦେଇଥିଲେ । ତେଣୁ ଦସ୍ତୀ ଜରିଆରେ ବିଜ୍ଞପ୍ତି ଜାରି କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଆମେ ଦେଖୁ ନାହୁଁ ଯେ ଅଦାଲତ ଅବମାନନା ମାମଲାରେ ସେମାନଙ୍କୁ ଛଅ ମାସର ଦଣ୍ଡ ଭୋଗିବାକୁ ଦିଆଯାଇଥିବା ନିର୍ଦ୍ଦେଶ ପ୍ରତ୍ୟାହାର କରିବା କରିବା ପାଇଁ କୌଣସି କାରଣ ପ୍ରସ୍ତୁତ କରାଯାଇଛି ।

ସେହି ଅନୁଯାୟୀ ସମସ୍ତ ଆଇ. ଏ. ଗୁଡ଼ିକର ସମାଧାନ କରାଗଲା ।

ଆର୍. ପି. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।